# Prime Minister speaks on phone with the Federal Chancellor of Germany, His Excellency Olaf Scholz

January 05, 2022

## ପ୍ରଧାନମନ୍ତ୍ରୀ ଜର୍ମାନୀର ଚାନ୍ସେଲର ମାନ୍ୟବର ଓଲାଫ୍ ସ୍କୋଲଜଙ୍କ ସହ ଫୋନରେ କଥା ହୋଇଛନ୍ତି

**ଜାନୁଆରୀ 05, 2022**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଜର୍ମାନୀର ଚାନ୍ସେଲର ମାନ୍ୟବର ଓଲାଫ୍ ସ୍କୋଲଜଙ୍କ ସହ ଫୋନରେ କଥା ହୋଇଛନ୍ତି।

ଚାନ୍ସେଲର ଭାବରେ ନିଯୁକ୍ତ ହେଇଥିବାରୁ ପ୍ରଧାନମନ୍ତ୍ରୀ ମାନ୍ୟବର ସ୍କୋଲଜଙ୍କୁ ଅଭିନନ୍ଦନ ଜଣାଇଥିଲେ। ଭାରତ-ଜର୍ମାନୀ ରଣନୀତିକ ଭାଗିଦାରୀକୁ ମଜବୁତ କରିବାରେ ପୂର୍ବତନ ଚାନ୍ସେଲର ମାନ୍ୟବର ଆଞ୍ଜେଲା ମର୍କେଲଙ୍କ ବିପୁଳ ଅବଦାନକୁ ସେ ପ୍ରଶଂସା କରିଥିଲେ ଏବଂ ମାନ୍ୟବର ସ୍କୋଲଜଙ୍କ ନେତୃତ୍ୱରେ ଏହି ସକରାତ୍ମକ ଗତି ଜାରି ରଖିବାକୁ ଆଶା ପ୍ରକାଶ କରିଥିଲେ।

ଦୁଇ ନେତା ଏକମତ ହୋଇଥିଲେ ଯେ ନୂତନ ଜର୍ମାନ ସରକାରଙ୍କ ଦ୍ୱାରା ଘୋଷିତ ଶାସନ ପ୍ରାଥମିକତା ଏବଂ ଭାରତର ନିଜସ୍ୱ ଅର୍ଥନୈତିକ ଦୂରଦୃଷ୍ଟି ମଧ୍ୟରେ ମହତ୍ୱପୂର୍ଣ୍ଣ ସମନ୍ୱୟ ରହିଛି। ପୁଞ୍ଜି ନିବେଶ ଓ ବାଣିଜ୍ୟ ସଂଯୋଗକୁ ପ୍ରୋତ୍ସାହିତ କରିବା ସହିତ ଜାରି ରହିଥିବା ସହଯୋଗ ପଦକ୍ଷେପଗୁଡ଼ିକର ସମ୍ଭାବନାକୁ ସେମାନେ ସମୀକ୍ଷା କରିଥିଲେ। ନୂତନ କ୍ଷେତ୍ରରେ ସହଯୋଗ ଏବଂ ବିନିମୟକୁ ଅଧିକ ବିବିଧ କରିବାର ସମ୍ଭାବନା ଉପରେ ସେମାନେ ସହମତ ହୋଇଥିଲେ। ବିଶେଷ କରି ଜଳବାୟୁ ପରିବର୍ତ୍ତନକୁ ନେଇ କାର୍ଯ୍ୟ ଏବଂ ସବୁଜ ଶକ୍ତି କ୍ଷେତ୍ରରେ ନୂତନ ସହଯୋଗ ପଦକ୍ଷେପ ଆରମ୍ଭ କରିବାକୁ ତଥା ଉଭୟ ଦେଶକୁ ପରସ୍ପରର ଜଳବାୟୁ ପରିବର୍ତ୍ତନ ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ କରିବା ପାଇଁ ସେମାନେ ଆଶା ପ୍ରକଟ କରିଥିଲେ।

ମାନ୍ୟବର ଚାନ୍ସେଲର ସ୍କୋଲଜ ଏବଂ ଜର୍ମାନୀର ଲୋକଙ୍କୁ ପ୍ରଧାନମନ୍ତ୍ରୀ ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ ଏବଂ ଦ୍ୱିପାକ୍ଷିକ ଆନ୍ତଃସରକାରୀ ବିଚାର ବିମର୍ଷର ପରବର୍ତ୍ତୀ ବୈଠକ ପାଇଁ ତାଙ୍କୁ ଶୀଘ୍ର ଭେଟିବାକୁ ଆଗ୍ରହ ପ୍ରକାଶ କରିଥିଲେ।

**ନୂଆଦିଲ୍ଲୀ**

**ଜାନୁଆରୀ 05, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.